# Akashvani, Sambalpur

## SAMBALPURI NEWS EVENING BULLETIN

## 20 December 2024- 7.02 pm- 7.12 pm.

**********************************************

୧- କେନ୍ଦ୍ର ଅର୍ଥମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ରାଜସ୍ଥାନ୍ ନ ହେଇଥିବା ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ୍‌ଥି ଯୋଗ୍ ଦେଲେ ମୁଖ୍ୟମନ୍ତ୍ରୀ ।

୨- ସଂସଦ୍‌ର ଶୀତ୍‌କାଲୀନ୍ ଅଧିବେଶନ୍ ଅନିର୍ଦ୍ଦିଷ୍ଟ ସମିଆତକ୍ ରହେଲା ମୁଲ୍‌ତବୀ ।

୩- ଚାପମୁକ୍ତ ପରୀକ୍ଷା ଲାଗି ଛାତ୍ରଛାତ୍ରୀ, ଶିକ୍ଷକ ଆର୍ ଅଭିଭାବକ୍‌ମାନ୍‌କର୍ ସାଙ୍ଗେ ଆଏବା ମାସେ ପ୍ରଧାନ୍‌ମନ୍ତ୍ରୀ କର୍‌ବେ ପରୀକ୍ଷା ପେ ଚର୍ଚ୍ଚା ।

ଆଉର୍

୪- ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଲାଗି ରହିଛେ ବର୍ଷା ।

ମୁଖ୍ୟମନ୍ତ୍ରୀ- ନୂଆଦିଲ୍ଲୀ		ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜସ୍ଥାନ୍‌ର ଜୟସାଲ୍‌ମେର୍ ଠାନେ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ୍‌ଥି ଯୋଗ୍ ଦେଇଛନ୍ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍‌ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ପ୍ରାକ୍ ବଜେଟ୍ ବୈଠକ୍ ହେଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଏବା କାଏଲ୍ ଜୟସାଲ୍‌ମେର୍ ନ ହେବାର୍‌କେ ଥିବା ଜିଏସ୍‌ଟି ପରିଷଦ୍‌ର ୫୫ ନମ୍ବର୍ ବୈଠକ୍‌ଥି ଯୋଗ୍ ଦେବେ । ଇତାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଫିର୍‌ବାର୍ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ଆଉ ମନ୍ତ୍ରୀମଣ୍ଡଲ୍‌ର ଅଲ୍‌ଗା ବରିଷ୍ଠ ମନ୍ତ୍ରୀମାନ୍‌କୁ ଭେଟ୍‌ବେ । ଆଏବା ମାସେ ଭୁବ୍‌ନେଶ୍ୱର୍ ନ ହେବାର୍‌କେ ଥିବା ପ୍ରବାସୀ ଭାରତୀୟ ଦିବସ୍ ଆର୍ ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା ସମ୍ମିଳନୀଥି ଯୋଗ୍ ଦେବାର୍ ଲାଗି ନିଉତା ଦେବେ । ମୁଖ୍ୟମନ୍ତ୍ରୀ ଗଲାକାଏଲ୍‌ଠାନୁ ୫ ଦିନିଆ ନୂଆଦିଲ୍ଲୀ ଆର୍ ରାଜସ୍ଥାନ୍ ଗସ୍ତଥି ଯାଇଛନ୍ । ଆଏବା ସୋମ୍‌ବାର୍ ଦିନ ମୁଖ୍ୟମନ୍ତ୍ରୀ ଭୁବ୍‌ନେଶ୍ୱର୍ ଫିର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଲୋକ୍‌ସଭା ସାଇନ୍‌ଡାଏ		ପି.ଆଇ.ବି.

ସଂସଦ୍‌ର ଦୁହି ଗୃହକେ ଆଏଜ୍ ଅନିର୍ଦ୍ଦିଷ୍ଟ ସମିଆ ଲାଗି ମୁଲ୍‌ତବୀ ରଖାଯାଇଛେ । ରାଜ୍ୟସଭାକେ ଅଧ୍ୟକ୍ଷ ଜଗ୍‌ଦୀପ୍ ଧନ୍‌ଖଡ଼୍ ଆର୍ ଲୋକ୍‌ସଭାକେ ବାଚସ୍ପତି ଓମ୍ ବିର୍ଲା ମୁଲ୍‌ତବୀ ଘୋଷ୍‌ନା କରିଛନ୍ । ସଂସଦ୍‌ର ଶୀତ୍ ଅଧିବେଶନ୍ ନଭେମ୍ବର୍ ୨୫ ତାରିଖ୍‌ନୁ ମୁଲ୍ ହେଇଥିଲା । ୨୬ ଦିନିଆ ଇ ଅଧିବେଶନ୍‌ଥି ଲୋକ୍‌ସଭା ନ ୨୦ ଟା ଆର୍ ରାଜ୍ୟସଭା ନ ୧୯ ଟା କାର୍ଯ୍ୟଦିବସ୍ ରହିଥିଲା । ଅଧିବେଶନ୍‌ଥି ଲୋକ୍‌ସଭା ନ ୫ ଟା ବିଲ୍ ଆଗତ୍ ହେଇଥିଲା ଆର୍ ୪ ଟା ବିଲ୍ ପାରିତ୍ ହେଇଥିଲା । ହେନ୍ତା ରାଜ୍ୟସଭା ନ ୩ ଟା ବିଲ୍ ପାରିତ୍ ହେଇଥିଲା ।

ଆଏଜ୍ ସଖାଲ୍‌ବେଲା ଲୋକ୍‌ସଭାର୍ କାମ୍‌କାଜ୍ ମୁଲ୍ ହେବାର୍ ଉତ୍‌ରୁ ବିରୋଧୀ ସଦସ୍ୟମାନେ କିର୍ଲାଗଗା କରିଥିଲେ । ବାଚସ୍ପତି ଓମ୍‌ବିର୍ଲା ସେମାନ୍‌କୁ ଗୃହର୍ ନୀତି ନିୟମ୍ ପାଲନ୍ କର୍‌ବାର୍ ଲାଗି ଅନୁରୋଧ୍ କରିଥିଲେ । ଗୃହ ପରିଚାଲନାଥି ବାଧା ହେବାର୍‌ନୁ ବାଚସ୍ପତି ଓମ୍ ବିର୍ଲା ଲୋକ୍‌ସଭାକେ ଅନିର୍ଦ୍ଦିଷ୍ଟ ସମିଆତକ୍ ମୁଲ୍‌ତବୀ ରଖିଛନ୍ ।

ରାଜ୍ୟସଭା ନ ଭିଲ୍ ବିରୋଧୀଙ୍କର୍ କିର୍ଲାଗଗା ଲାଗି ଗୃହ ପହେଲା ୧୨ ବଜେତକ୍ ମୁଲ୍‌ତବୀ ରହିଥିଲା । ୧୨ ବଜେ ଉତ୍‌ରୁ ଫେର୍ କାମ୍ ମୁଲ୍ ହେବାର୍‌ବେଲେ ଗୁଟେ ଦେଶ୍ ଗୁଟେ ନିର୍ବାଚନ୍ ବାବ୍‌ଦର୍ ୨ ଟା ବିଲ୍ ଯୁଗ୍ମ ସଂସଦୀୟ କମିଟିକେ ପଠାବାର୍ ଲାଗି ପ୍ରସ୍ତାବ୍ ଆଗତ୍ ହେଇଥିଲା । ଇତାର୍‌ଉତ୍‌ରୁ ବିରୋଧୀଙ୍କର୍ ହୋହଲ୍ଲା ଲାଗି ରାଜ୍ୟସଭା

ଅଧ୍ୟକ୍ଷ ଜଗ୍‌ଦୀପ୍ ଧନ୍‌ଖଡ୍ ଗୃହକେ ଅନିର୍ଦ୍ଧିଷ୍ଟ ସମିଆ ଲାଗି ମୁଲ୍‌ତବୀ ଘୋଷ୍‌ନା କରିଥିଲେ ।

ଭାରତୀୟ ରେଲ୍‌ବାଇ ପି.ଆଇ.ବି.

ଭାରତୀୟ ରେଲ୍‌ବାଇ ଭଲ୍ ସେବା ଦେଇଥିବାର୍ ଲାଗି ତାର୍ ଶହେ ୧ ଝନ୍ ଅଧିକାରୀ ଆର୍ କର୍ମଚାରୀଙ୍କୁ ସମ୍ମାନିତ୍ କର୍‌ବାର୍‌କେ ଯାଉଛେ । ଆଏବା କାଏଲ୍ ହେବାର୍‌କେ ଥିବା ୬୯ ନମ୍ୱର୍ ଅତି ବିଶିଷ୍ଟ ରେଲସେବା ପୁରସ୍କାର୍ ୨୦୨୪ ସମାରୋହଥି ମୁଖିଆ କୁନୁଆଁ ଭାବେ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଯୋଗ୍ ଦେଇକରି ଶ୍ରେଷ୍ଠ ସେବା ପ୍ରଦାନ୍‌କାରୀମାନ୍‌କୁ ପୁରସ୍କୃତ୍ କର୍‌ବେ । ଇ ସମ୍ମାନ୍ ସମାରୋହ ର୍ ଇ ବଛ୍‌ରର୍ ବିଷୟବସ୍ତୁ ହେଲା 'ମେ ହୁଁ ଭାରତୀୟ ରେଲ୍' ।

ଉପମୁଖ୍ୟମନ୍ତ୍ରୀ-ମାଲ୍‌କାନ୍‌ଗିରି I&PR

ରାଜ୍ୟ ସର୍‌କାର୍ ବଣ୍ଡା ଜନଜାତିଙ୍କର୍ ଲାଗି ରାସ୍ତାଘାଟ୍, ଆବାସ ଯୋଜନାଥି ଘର୍, ପାନୀୟ ଜଳ ଆର୍ ପର୍ଯ୍ୟଟନ୍‌ର ବିକାଶ୍

ଲାଗି ପ୍ରତିଶ୍ରୁତିବଦ୍ଧ ବଲି ଉପମୁଖ୍ୟମନ୍ତ୍ରୀ ଆର୍ ମହିଲା, ଶିଶୁ ବିକାଶ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ମାଲ୍‌କାନ୍‌ଗିରି ଜିଲ୍ଲା ଖଇପୁର ବ୍ଲକ୍ ମୁଦୁଲିପଡ଼ା ଠାନେ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି କହିଛନ୍ ଯେ, କେତେଝନ୍ ବଣ୍ଡା ମହିଲାଙ୍କର୍ ସୁଭଦ୍ରା ଯୋଜ୍‌ନାଥି ଟଙ୍କା ପାଏବାର୍‌ଥି ଅସୁବିଧା ହେଇଥିବାର୍ ଖବର୍ ପାଏବାର୍ ଉତ୍‌ରୁ ଆଏଜ୍ ସେ ବଣ୍ଡାଘାଟି ପୁହୁଁଚିକରି ସେମାନ୍‌କର୍ ସମସ୍ୟା ବୁଝିଛନ୍ । ଆଏବା ୨୫ ତାରିଖ୍ ବୁଧବାର୍ ଦିନ ୪ ନମ୍ବର୍ ଖେପ୍ ସୁଭଦ୍ରା ଯୋଜ୍‌ନା ଟଙ୍କା ବାଂଟ୍‌ବାର୍ କାର୍ଯ୍ୟକ୍ରମ୍‌କେ ସ୍ଥଗିତ୍ କରାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ । ବଣ୍ଡା ଜନଜାତିଙ୍କର୍ ଆବାସ୍ ଘର୍ ବନାବାର୍ ଲାଗି ଅଏତ୍‌କା ୫୦ ହଜାର୍ ଟଙ୍କା ସାହାଜ୍ ଦେବାର୍ ଲାଗି ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ । ଇ ଉଧେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ବଣ୍ଡା ଜନଜାତିର୍ ୧୫ ଝନ୍ ହିତାଧିକାରୀଙ୍କୁ ବ୍ୟକ୍ତିଗତ ଆର୍ ଗୋଷ୍ଠୀଗତ ଜଙ୍ଗଲ୍ ଜମି ପଟ୍ଟା ଆର୍ ଘର୍‌ବାରି ପଟ୍ଟା ବାଂଟିଥିଲେ ।

ଯକ୍ଷ୍ମା ଆର୍‌ଏନ୍‌ୟୁ/କଟକ୍

ଶହେ ଦିନ୍‌ତକ୍ ହେବାର୍‌କେ ଥିବା ସଘନ ଯକ୍ଷ୍ମା ନିରାକରଣ୍ କାର୍ଯ୍ୟକ୍ରମ୍ ଗଲା ୭ ତାରିଖ୍‌ନୁ ମୁଲ୍ ହେଇଛେ । ରାଜ୍ୟର୍ ବଲାଙ୍ଗିର୍, ବର୍‌ଗଡ୍, ବୌଦ୍ଧ, ଦେବ୍‌ଗଡ୍, କଲାହାଣ୍ଡି, ସୁବର୍ଣ୍ଣପୁର୍ ଆର୍ ସୁନ୍ଦର୍‌ଗଡ୍ ସହେତେ ରାଜ୍ୟର୍ ୧୯ ଟା ଯକ୍ଷ୍ମା ପ୍ରବଣ୍ ଜିଲ୍ଲା ନ ଇ କାର୍ଯ୍ୟକ୍ରମ୍ ଗଲା ୧୮ ତାରିଖ୍‌ନୁ ମୁଲ୍ ହେଇଛେ । ୬୦ ବଛର୍‌ନୁ ଅଏତ୍‌କା ବୟସର୍ ଲୋକ୍, ମଧୁମେହ ପିଡ଼ିତ, ଅପପୁଷ୍ଟିର୍ ଶିକାର୍ କି ଏଚ୍‌ଆଇଭି ଆକ୍ରାନ୍ତ ବ୍ୟକ୍ତି, ଧୂମପାନ ଆଉ ମଦ୍ୟପାନ କରୁଥିବାର୍ ବ୍ୟକ୍ତିଙ୍କର୍ ସହେତେ ୫ ବଛର୍ ଭିତ୍‌ରେ ଯକ୍ଷ୍ମାଥି ସଂକ୍ରମିତ୍ ହେଇଥିବା ଲୁକ୍‌କୁ ଚିକିତ୍ସା କରାଯାଇକରି ଯକ୍ଷ୍ମା ନିରାକରଣ୍ କାମ୍‌ଥି ସାମିଲ୍ କରାଯାଇଛେ ।

ଯକ୍ଷ୍ମା- ବଲାଙ୍ଗିର୍          ବଲାଙ୍ଗିର୍ ସମ୍ବାଦଦାତା

ଦେଶ୍‌ରୁ ୨୦୨୫ ମସିହାତକ୍ ଯକ୍ଷ୍ମା ରୋଗ୍‌ର ନିରାକରଣ୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ଭିନ୍ ଭିନ୍ ଯୋଜ୍‌ନା କାର୍ଯ୍ୟକାରୀ ହେଉଛେ । ଇତାକେ ସଫଲ୍ କର୍‌ବାର୍ ଲାଗି ଶହେ ଦିନିଆ ଯକ୍ଷ୍ମା ନିରାକରଣ୍ ଅଭିଯାନ୍ ବଲାଙ୍ଗିର୍ ଜିଲ୍ଲା ନ ମୁଲ୍ ହେଇଛେ । ତଲ୍‌ସ୍ତର୍‌ନୁ ସ୍ୱାସ୍ଥ୍ୟ କର୍ମୀ ଆର୍ ଆଶାକର୍ମୀମାନ୍‌କର୍ ଜରିଏ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ୍ କରାଯାଉଛେ । ଲକ୍ଷଣ୍ ଥିବା ରୋଗୀଙ୍କର୍ କଫ

ପରୀକ୍ଷା କରାଯିବାର୍ ସହେତେ ଜିଲ୍ଲାର୍ ୪ ଟା ଜାଗା ନ ଏକ୍ସରେ କରାଯାଉଛେ । ଇ ବାବ୍‌ଦେ ଜିଲ୍ଲା ଚିକିତ୍ସାଧିକାରୀ ରମେଶ୍ ଚନ୍ଦ୍ର ସାହୁ ଆକାଶ୍‌ବାଣୀକେ କହିଛନ୍ ଯେ,...
(ଭଏସ୍ ଓଭର୍- ବଲାଙ୍ଗିର୍ ଜିଲ୍ଲା ଚିକିତ୍ସାଧିକାରୀ)

ପରୀକ୍ଷା ପେ ଚର୍ଚ୍ଚା ପି.ଆଇ.ବି.

ଛାତ୍ରଛାତ୍ରୀଙ୍କର୍ ଭିତ୍‌ରେ ପରୀକ୍ଷାର ଚାପକେ କମ୍ କର୍‌ବାର୍ ସହେତେ ବିଦ୍ୟାର୍ଥୀ, ଶିକ୍ଷକ୍ ଆର୍ ଅଭିଭାବକ୍‌ମାନ୍‌କୁ ପରୀକ୍ଷାକେ ଗୁଟେ ଉତ୍ସବ୍ ହିସାବେ ପାଲନ୍ କର୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆଏବା ଜାନୁଆରୀ ମାସେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ଭାଗ୍ ନେବେ । ପ୍ରଧାନ୍‌ମନ୍ତ୍ରୀ ମୁଲ୍ କରିଥିବା ପରୀକ୍ଷାପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ର ୮ ନମ୍ବର୍ ସଂସ୍କରଣ୍‌ର ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେଇଛେ । ପଞ୍ଜିକରଣ୍ ପ୍ରକ୍ରିୟା ଆଏବା ମାସ ୧୪ ତାରିଖ୍‌ତକ୍ ଚାଲ୍‌ବା । ଛାତ୍ରଛାତ୍ରୀ 'mygov.in' ପୋର୍ଟାଲ୍‌ଥି ନାଁ ପଞ୍ଜିକରଣ୍ କରିପାର୍‌ବେ । 'mygov.in' ପୋର୍ଟାଲ୍‌ଥି ୬ ନୁ ୧୨ କ୍ଲାସ୍ ଛାତ୍ରଛାତ୍ରୀ, ଶିକ୍ଷକ୍ ଆର୍ ଅଭିଭାବକ୍ ମାନ୍‌କର୍ ଲାଗି କ୍ୱିଜ୍ ପ୍ରତିଯୋଗିତା ପ୍ରସ୍ତୁତ୍ କରାଯାଇଛେ । ପରୀକ୍ଷାପେ

ଚର୍ଚ୍ଚା ୨୦୨୫ ଲାଗି ଫି' ରାଜ୍ୟ ଆର୍ କେନ୍ଦ୍ରଶାସିତ୍ ଅଂଚଲ୍ ନ ୬ ନୁ ୧୨ କ୍ଲାସ୍‌ର ୨ ଝନ୍ ଛାତ୍ରଛାତ୍ରୀ, ଝନେ ଶିକ୍ଷକ୍, କଲା ଉତ୍ସବ୍‌ର ବିଜେତା ଆର୍ ପିଏମ୍‌ଶ୍ରୀ ବିଦ୍ୟାଲୟର୍ ପ୍ରତିଯୋଗୀମାନ୍‌କୁ ଖାସ୍ କୁନୁଆଁ ହିସାବେ ନିଉତା ଦିଆଯିବା ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍

କରାଯିବ। । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ସ୍ୱାସ୍ଥ୍ୟମନ୍ତ୍ରୀ-ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ରାଜ୍ୟ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଏଜ୍ ନୂଆପଡ଼ା ଜିଲ୍ଲା ଗସ୍ତ କରିକରି ଭିନ୍ ଭିନ୍ ମଣ୍ଡି ପରିଦର୍ଶନ୍ କରିଛନ୍ । ଜିଲ୍ଲାର୍ ବେଲ୍‌ଟୁକୁରି, ଡୁମେର୍‌ପାଣି, ସାରାବଙ୍ଗ ମଣ୍ଡିକେ ଯାଇକରି ଚାଷୀ ଧାରିଜ୍ ପ୍ରାପ୍ୟ ପାଇପାରିଛନ୍ କି ନାଇଁ ବୁଝିଥିବା ମନ୍ତ୍ରୀ କହିଛନ୍ । ଜିଲ୍ଲା ପ୍ରଶାସନ୍ ଭିଲ୍ ଠିକ୍ ପ୍ରସ୍ତୁତି କରିଥିବା ଗସ୍ତ ଉତାରୁ ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ କହିଛନ୍ । ସର୍‌କାର୍ ଧାନ୍ କ୍ୱିଂଟାଲ୍ ପିଛା ଚାଷୀମାନ୍‌କୁ ୩୧ ଶହ ଟଙ୍କା ଦଉଛନ୍ । ହେଟା ପ୍ରକୃତ୍‌ଥି ଚାଷୀମାନ୍‌କର୍ ନିକେ ପୁହୁଁଚିଛେ କି ନାଇଁ ସେଟା ଜାନ୍‌ବାର୍ ଲାଗି ଆଏଜ୍ ନୂଆପଡ଼ା ଆସିଥିଲି ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଇ ଉଧେ କହିଛନ୍ ।

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ-ନାଁଲେଖା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ସ୍ନାତକ, ସ୍ନାତକୋତର ବିଏଡ୍, ଏମ୍‌ଏଡ୍, ଏଲ୍‌ଏଲ୍‌ବିଥି ଅଗ୍‌ଲିଥିବା ସିଟ୍ ଲାଗି ନାଁଲେଖା ହେବା । ଇଥିର୍‌ଲାଗି ଆଏଜ୍‌ଠାନୁ ସ୍ପଟ୍ ନାଁଲେଖାର୍ ଦୁଇ ନମ୍ବର୍ ଖେପ୍ ମୁଲ୍ ହେଇଛେ । ୨୨ ତାରିଖ୍‌ତକ୍ ଇ ଆବେଦନ୍ ଚାଲ୍‌ବା । ସେନ୍ତା ୨୬ ତାରିଖ୍ ଆରବେଲତକ୍ ନାଁଲେଖା ଲାଗି ଯୋଗ୍ୟ ଛାତ୍ରଛାତ୍ରୀମାନ୍‌କର୍ ନାଁ ବାହାରିବା । ୨୭ ନୁ ୩୦ ତାରିଖ୍ ଭିତ୍‌ରେ ନାଁଲେଖା ହେବା ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଅନ୍ନଦାତା ଦିବସ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ କେନ୍ଦୁପାଟି ଗାଁ ନ ଭାରତୀୟ ଷ୍ଟେଟ୍‌ବେଙ୍କ୍ ତର୍‌ଫୁ ଅନ୍ନଦାତା ଦିବସ୍ ପାଲିତ୍ ହେଇଯାଇଛେ । ଡିସେମ୍ବର୍ ୧୬ ତାରିଖ୍‌ନୁ ୨୩ ତାରିଖ୍‌ତକ୍ ଇ ଅନ୍ନଦାତା ଦିବସ୍ ପାଲନ୍ ହେଉଛେ । କାର୍ଯ୍ୟକ୍ରମ୍‌ଥି ବେଙ୍କ୍‌ର ଭିନ୍ ଭିନ୍ ଅଧିକାରୀ, ଚାଷୀ, ମହିଳାଚାଷୀ ମାନେ ଯୋଗ୍ ଦେଇଥିଲେ ।

ସମ୍ବଲ୍‌ପୁର୍ କେନ୍ଦ୍ରୀୟ ବିଦ୍ୟାଳୟ-୧ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ ର ୫୯ ନମ୍ବର୍ ବାର୍ଷିକ ଉତ୍ସବ୍ ବିଦ୍ୟାଳୟ ପରିସର୍ ନ ଅନୁଷ୍ଠିତ୍ ହେଇଯାଇଛେ । ବିଦ୍ୟାଳୟର୍ ଅଧ୍ୟକ୍ଷ ରଣ ରଞ୍ଜୟ ସିଂଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉତ୍ସବ୍‌ଥି ଜିଲ୍ଲାପାଳ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ମୁଖ୍ୟଅତିଥି ଆର୍ ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ଆୟୁକ୍ତ ବେଦଭୂଷଣ୍ ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ କୃତି ଛାତ୍ରଛାତ୍ରୀମାନ୍‌କୁ ପୁରସ୍କୃତ କରାଯାଇଥିଲା ଆର୍ ରଙ୍ଗାରଙ୍ଗ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷିତ୍ ହେଇଥିଲା ।

ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ସଂଘ କଳାହାଣ୍ଡି ସମ୍ବାଦଦାତା

ଆଇଏନ୍‌ଟିୟୁସି ନୂଆଦିଲ୍ଲୀ ଆର୍ ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ସଂଘ ତର୍‌ଫୁ କଳାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଟାଉନ୍‌ହଲ୍ ଠାନେ ୬୨ ନମ୍ବର୍ ରାଜ୍ୟସ୍ତରୀୟ ବାର୍ଷିକ୍ ଅଧିବେଶନ୍

ହେଇଯାଇଛେ । ଇଥି ଧର୍ମଗଡ଼୍ ବିଧାୟକ୍ ସୁଧୀର୍ ପାଟଯୋଷୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଗଲା ୬୨ ବଛର୍ ହେଲା ବିଦ୍ୟୁତ୍ ଶ୍ରମିକ୍‌ମାନେ ଭିନ୍ ଭିନ୍ ସମିଆଥି ଦିନ୍ ରାଏତ୍ ଏକ୍ କରି ସାଧାରଣ୍ ଲୁକ୍‌କୁ ବିଜ୍‌ଲି ପ୍ରଦାନ୍ କର୍‌ବାର୍‌ଥି ସହାୟକ ହେଇଛନ୍ ଆର୍ ସେଥିର୍‌ଲାଗି ସେମାନେ ପ୍ରଶଂସାର୍ ପାତ୍ର ଆନ୍ ବଲି କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍‌ର ବଲେ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ପାଗ୍ ମେଘୁଆ ରହେବାର୍ ସହେତେ କଟକ୍, ଭୁବ୍‌ନେଶ୍ୱର୍, ପୁରୀ ଆର୍ କେତେଟା ଜାଗା ନ ସାମାଏନ୍ ବର୍ଷା ହେଇଥିଲା । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ସୂଚ୍‌ନା ଅନ୍‌ସାରେ ଲଘୁଚାପ୍ ଆଏବା ୧୨ ଘଂଟା ଭିତ୍‌ରେ ଅବପାତ୍‌ଥି ବଦ୍‌ଲିବା । ରଏବାର୍ ତକ୍ ବର୍ଷା ଲାଗି ରହେବା ବଲି ପାଣିପାଗ୍ ବିଭାଗ୍ କହିଛେ । ଆଏଜ୍ ଖୋର୍ଦ୍ଧା ନ ୪୦ ମିଲିମିଟର୍ ବର୍ଷା ହେଇଥିଲା । ଜଗତ୍‌ସିଂହପୁର୍, ପାରାଦ୍ୱୀପ୍, ଭୁବ୍‌ନେଶ୍ୱର୍, ନୟାଗଡ଼୍ ନ ବର୍ଷା ହେଇଥିବାର୍ ଖବର୍ ମିଲିଛେ ।

ପାଣିପାଗ୍ ବିଭାଗ୍ର ସୂଚ୍ନା ଅନ୍ସାରେ ବର୍ଷା କମ୍ବାର୍ ଉତ୍ରୁ
ଶୀତ୍ ବଢ଼୍ବା ।